ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଦତ୍ତକର୍ମ – ୪ - ୬
# ଶିକ୍ଷା ବର୍ଷ : ୨୦୧୬ -୧୭

# ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

**ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଯତ୍ନର ସହିତ ପାଠକରନ୍ତୁ ।**

## ନିୟମାବଳୀ

**ଦତ୍ତକର୍ମ** : ୪-୬

ଶିକ୍ଷାବର୍ଷ : ୨୦୧୬ -୧୭

**ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ**

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତ **ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ**କୁ ଆପଣମାନଙ୍କୁ ସ୍ୱାଗତ।

ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଗୋଟିଏ ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ। ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶ ଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବାକୁ ଚେଷ୍ଟାକରିବେ। ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟ ବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠକରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ତେଣୁ, ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇ ପାରିବ ଯେ ପାଠ୍ୟଉପକରଣ ଗୁଡ଼ିକୁ ମନଦେଇ ପାଠକରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସଂଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଚେଷ୍ଟାକରନ୍ତୁ। ତାହାଦ୍ୱାରା ଆପଣମାନେ ଭଲ ଗ୍ରେଡ୍ /ନମ୍ବର ପାଇ ପାରିବେ।

### ଦତ୍ତକର୍ମର ଉଦ୍ଦେଶ୍ୟ :

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମ ଗୁଡ଼ିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଦତ୍ତକର୍ମ ଗୁଡ଼ିକରେ ଆପଣମାନେ ଯେଉଁଗ୍ରେଡ୍ / ମାର୍କ ଅର୍ଜନ କରି ଥାଆନ୍ତି, ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍ / ମାର୍କ ରଖିଲେ ଆପଣମାନଙ୍କ ମୋଟା ମୋଟି ପରୀକ୍ଷା ଫଳ ଖୁବ ଭଲ ହେବ। ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାଳୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ / ସାଧାରଣ ମନ୍ତବ୍ୟ ସହିତ ସେଗୁଡ଼ିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗ ଗୁଡ଼ିକ ଜାଣି ପାରିବେ। ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା)ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

### ଦତ୍ତକର୍ମ ଲେଖିବେ କିପରି ?

୧.ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ଼୍, ପାଠ୍ୟକ୍ରମର ନାମ, ନାମ ଲେଖା କ୍ରମିକ ସଂଖ୍ୟା, ଶିକ୍ଷା କେନ୍ଦ୍ରର କୋଡ଼୍ ନମ୍ବର ଉଲ୍ଲେଖ କରିବେ ।

୨. ଉତ୍ତର ଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ । ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାଙ୍କନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରନ୍ତୁ ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ପଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ ।

### ଦତ୍ତକର୍ମର ଭୂମିକା :

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟଶତକଡ଼ା ୭୫ ଭାଗର ଗୁରୁତ୍ୱ ବହନ କରିବ ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟହେବ । ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ । ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତି ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମର ଉତ୍ତର ଦାଖଲ କରିବାକୁ ହେବ ।

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

SUBMISSION DATES FOR ASSIGNMENTS

**(ଦତ୍ତକର୍ମ ଜମା କରିବାର ସମୟ ସୀମା)**

**ସେମିଷ୍ଟର –୨**

| ପାଠ୍ୟକ୍ରମ ସଂଖ୍ୟା | ପାଠ୍ୟକ୍ରମ ଶୀର୍ଷକ | ସମୟ ସୀମା | ବାର |
|---|---|---|---|
| ୦୪ | ବ୍ୟବହାର କଥନ/ ଲିଖନ କୌଶଳ | ୯/୪/୧୭ | ରବିବାର |
| ୦୫ | ଗଣମାଧ୍ୟମ, ଯୋଗାଯୋଗ କୌଶଳ | ୯/୪/୧୭ | ରବିବାର |
| ୦୬ | କଂପ୍ୟୁଟର ବ୍ୟବହାର କୌଶଳ | ୧୬/୪/୧୭ | ରବିବାର |

# ଦତ୍ତକର୍ମ

# ଶିକ୍ଷା ବର୍ଷ ୨୦୧୬-୧୭

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

**ପାଠ୍ୟକ୍ରମ -୪** ପୂର୍ଣ୍ଣ ସଂଖ୍ୟା – ୧୦୦

### 'କ' ବିଭାଗ

୧. ଟିପ୍ପଣୀ ଲେଖ। (୧୦୦ ଶବ୍ଦ ମଧ୍ୟରେ) ୫x୬ =୩୦

(କ) କଥନ କୌଶଳ

(ଖ) ଲିଖନ କୌଶଳ

(ଗ) ସଂପାଦନାର ସଂଜ୍ଞା ଓ କୌଶଳ

(ଘ) ଉତ୍ତମ ପ୍ରବନ୍ଧର ଲକ୍ଷଣ

(ଙ) ଔପଚାରିକ ନିମନ୍ତ୍ରଣ ପତ୍ର

### 'ଖ' ବିଭାଗ

୨. (୩୦୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୧୦x୩= ୩୦

(କ) ନିମନ୍ତ୍ରଣପତ୍ରର ଉଦ୍ଦେଶ୍ୟ ଓ ପ୍ରକାରଭେଦ ନିରୂପଣ ପୂର୍ବକ ଦୁଇଟିର ଉଦାହରଣ ପ୍ରଦାନ କର।

(ଖ) ସଂପାଦନାର ବିଭାଗୀକରଣ କର। ଖବରକାଗଜ ସଂପାଦନାର ପ୍ରମୁଖ ବୈଶିଷ୍ଟ୍ୟ ଗୁଡିକ ବର୍ଣ୍ଣନା କର।

(ଗ) ବ୍ୟବହାରିକ କଥନ କୌଶଳ କହିଲେ କ'ଣ ବୁଝ ? ସଦୃଷ୍ଟାନ୍ତ ବର୍ଣ୍ଣନା କର।

### 'ଗ' ବିଭାଗ

୩. (୪୦୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୨୦x୨= ୪୦

(କ) ଖବର କାଗଜ ଓ ପତ୍ରିକା ସଂପାଦନା ମଧ୍ୟରେ ପାର୍ଥକ୍ୟ ନିରୂପଣ କରି ଉତ୍ତମ ସଂପାଦନାର ଲକ୍ଷଣ ନିର୍ଦ୍ଦେଶ କର।

(ଖ) ବିତର୍କ ଓ ଦଳଗତ ଆଲୋଚନା ମଧ୍ୟରେ ପାର୍ଥକ୍ୟ ସଦୃଷ୍ଟାନ୍ତ ନିରୂପଣ କର।

# ଦତ୍ତକର୍ମ

# ଶିକ୍ଷା ବର୍ଷ ୨୦୧୬-୧୭

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

**ପାଠ୍ୟକ୍ରମ -୫** **ପୂର୍ଣ୍ଣ ସଂଖ୍ୟା – ୧୦୦**

### 'କ' ବିଭାଗ

୧. (୧୦୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୬ X ୫ = ୩୦

(କ) ସମ୍ବାଦ କ'ଣ ?

(ଖ) ସମ୍ବାଦ ପରିବେଷଣର ଉଦ୍ଦେଶ୍ୟ ଦର୍ଶାଅ।

(ଗ) ଗୋଷ୍ଠୀ ଯୋଗାଯୋଗ କହିଲେ କ'ଣ ବୁଝ ?

(ଘ) ସମାଜରେ ବିଜ୍ଞାପନର ଗୁରୁତ୍ୱ ଦର୍ଶାଅ।

(ଙ) ସାଙ୍କେତିକ ଯୋଗାଯୋଗ କାହାକୁ କୁହାଯାଏ, ଆଲୋଚନା କର।

(ଚ) ବିଜ୍ଞାପନର ପ୍ରକାରଭେଦ ଦର୍ଶାଅ।

### 'ଖ' ବିଭାଗ

୨. (୩୦୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୧୦X୩ = ୩୦

(କ) କୁକୁର ମଣିଷକୁ କାମୁଡିଲେ ତାହା ସମ୍ବାଦ ନୁହେଁ, କିନ୍ତୁ ମଣିଷ କୁକୁରକୁ କାମୁଡିଲେ ତାହା ସମ୍ବାଦ। ଆଲୋଚନା କର।

(ଖ) ବିଜ୍ଞାପନର ମୁଖ୍ୟ ଉଦ୍ଦେଶ୍ୟଗୁଡିକ କ'ଣ କ'ଣ ? ବିଶଦ ବର୍ଣ୍ଣନା କର।

(ଗ) ଯୋଗାଯୋଗ କେତେ ପ୍ରକାର ଓ କ'ଣ କ'ଣ ? ପ୍ରତ୍ୟେକଟିର ସଂଜ୍ଞା ଲେଖି ବୁଝାଅ।

### 'ଗ' ବିଭାଗ

୩ (୪୦୦ ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୨୦ X ୨= ୪୦

(କ) ସମ୍ବାଦ ଓ ଗଣମାଧ୍ୟମ ସଂସ୍ଥାର ସମାଜ ଉପରେ ପ୍ରଭାବ ବିଷୟରେ ଆଲୋଚନା କର।

(ଖ) ବିଜ୍ଞାପନର ଆବଶ୍ୟକତା କ'ଣ ? କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବିଜ୍ଞାପନ କିପରି ସାହାଯ୍ୟ କରେ, ବର୍ଣ୍ଣନା କର।

## ପ୍ରୋଜେକ୍ଟ

**ପାଠ୍ୟକ୍ରମ-୫**

**ପଞ୍ଚମ ଏକକ** – ସମ୍ବାଦ ଅଥବା ବିଜ୍ଞାପନ ପ୍ରସ୍ତୁତି ନିମିତ୍ତ କ୍ଷେତ୍ର ପରିଦର୍ଶନ ଓ ରିପୋର୍ଟିଂ ଉପସ୍ଥାପନ।

ନିଜ ଅଞ୍ଚଳର ଦୁଇଟି ମୁଖ୍ୟ ଜନସମସ୍ୟା ଅଥବା କଳା / ସଂସ୍କୃତିକୁ ଆଧାର କରି ୧୫୦୦ ଶବ୍ଦ ମଧ୍ୟରେ ଗୋଟିଏ ବିବରଣୀ (ରିପୋର୍ଟ) ପ୍ରଦାନ କର।

ବିବରଣୀ ଦାଖଲ କରିବାର ସମୟ ସୀମା – ୨୩.୪.୨୦୧୭

# Assignment Question
# Admission Batch-2016-17
# Diploma in Odia Language Communication

**Course -06** **Full Mark -100**

### Group – 'A'

(Short Answer questions 100 words) 6×5 = 30

1. What do you mean by a digital computer? How it is different from an Analogy computer?
2. What is an application Software? Give two examples.
3. What is a word processor? Give example of a word processor.
4. Write the uses of Ms- Word. Why it is so popular?
5. What is a slide in of Ms-Power point Presentation?
6. Write the uses of Ms-Excel.

### Group – 'B'

(Short Answer questions 300 words) 15×2 = 30

1. Discuss different types of memories in digital computer.
2. Name and explain the tools used in Ms-Word -2010.

### Group – 'C'

(Short Answer questions 400 words) 20×2 = 40

1. Define a Computer. Write the characteristics and Functions of a Digital computer.
2. What is an Operating System? Write the functions of an Operating system.